بِسۡمِ اللّٰہِ الرَّحۡمٰنِ الرَّحِیۡمِ

୨ ଜାନୁଆରୀ ୨୦୨୬ ଖୁତ୍‌ବା ଜୁମାର ସାରାଂଶ
ସ୍ଥାନ - ମସଜିଦ୍ ମୁବାରକ୍, ଇସଲାମାବାଦ୍ ଟିଲ୍‌ଫୋର୍ଡ୍

# ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ]ଙ୍କର ସତ୍ୟନିଷ୍ଠ ଦାସ ହଜରତ ମସିହ ମଉଦ[ଅ.ସ]ଙ୍କ ଈଶ୍ୱରପ୍ରେମର ବିଶ୍ୱାସବର୍ଦ୍ଧକ ଓ ହୃଦୟଗ୍ରାହୀ ଆଲୋଚନା ।

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱହ୍‌ଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍‌ତଈନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ୱଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ଗତ ଖୁତ୍‌ବାରେ ମୁଁ ହଜରତ ମୁହମ୍ମଦ ମୁସ୍ତଫା[ସ.ଅ]ଙ୍କ ପବିତ୍ର ଜୀବନୀ, ଈଶ୍ୱରପ୍ରେମ ସଂକ୍ରାନ୍ତରେ ଆଲୋଚନା କରିଥିଲି । ଚଳିତ ଯୁଗରେ ମହାଭାଗଙ୍କ ନିଷ୍ଠାପର ଦାସ ହଜରତ ମସିହ ମଉଦ[ଅ.ସ] ନିଜ ମୁନିବ ଓ ସରଦାରଙ୍କ ଅନୁସରଣ କରିବା ଯୋଗୁଁ ଈଶ୍ୱରପ୍ରେମରେ ସେହି ସ୍ତର ପ୍ରାପ୍ତ କଲେ, ଯାହା ଫଳରେ ଅଲ୍ଲାଃଙ୍କର ଏପରି କୃପାବତୀର୍ଣ୍ଣ ହେଲା ଓ ଈଶ୍ୱରଙ୍କ ପ୍ରତି ହୁଜୁର[ଅ.ସ]ଙ୍କର ଯେପରି ଅନାବିଳ ପ୍ରେମ, ଆନ୍ତରିକତା ଓ ଅନୁରାଗ ରହିଥିଲା । ତାହାକୁ ଅନ୍ୟମାନେ ମଧ୍ୟ ଅନୁଭବ କରୁଥିଲେ । ଏହି ପରିପ୍ରେକ୍ଷୀରେ ମୁଁ କିଛି ଘଟଣାର ଚର୍ଚ୍ଚା କରିବାକୁ ଚାହୁଁଛି । କିନ୍ତୁ ଏଥିପୂର୍ବରୁ ହଜରତ ମସିହ ମଉଦ[ଅ.ସ]ଙ୍କର ନିଜସ୍ୱ ଶବ୍ଦ ସମ୍ୱଳିତ ସନ୍ଦର୍ଭ ଯହିଁରୁ ସେହି ଗଭୀର ପ୍ରେମର ପରିପ୍ରକାଶ ହେଉଅଛି, ଆଲୋଚନା କରିଦେଉଛି ।

ଗୋଟିଏ ସ୍ଥାନରେ ହଜରତ ମସିହ ମଉଦ[ଅ.ସ] କୁହନ୍ତି; ମୁଁ କିଛି ବର୍ଣ୍ଣନା କରିପାରିବି ନାହିଁ, ଯେ ମୋର କେଉଁ ଆଚରଣ ଥିଲା, ଯାହାର ଫଳ ସ୍ୱରୂପ ଏହି ଐଶୀ ପୁରସ୍କାର ମୋତେ ପ୍ରଦାନ କରାଗଲା । କେବଳ ଏତିକି ମୁଁ ନିଜ ଅଭ୍ୟନ୍ତରରେ ଅନୁଭବ କରୁଅଛି, ଯେ ସ୍ୱଭାବ ଦୃଷ୍ଟିରୁ ମୋ ମନପ୍ରାଣ ଈଶ୍ୱରଙ୍କ ପ୍ରତି ବିଶ୍ୱସ୍ତତା ଓ ନିଷ୍ଠାର ସହିତ ଆକର୍ଷିତ ରହିଛି । ଯାହାକି କୌଣସି ବସ୍ତୁର ବାଧା ଦେବାରେ କଦାପି ଅଟକି ଯାଇପାରିବ ନାହିଁ । ସୁତରାଂ ଏହି ବିଶିଷ୍ଟ ମର୍ଯ୍ୟାଦା ତାହାର ହିଁ ପରିଣାମ ଅର୍ଥାତ୍ ଅଲ୍ଲାଃତାଲାଙ୍କର ମୋ ଉପରେ ଯେଉଁସବୁ ବିଶେଷ ଦୟା ଓ ଅନୁକମ୍ପା ଅବ୍ୟାହତ ରହିଛି, ସେସବୁ ଏଥିସକାଶେ ମୋତେ ପ୍ରାପ୍ତ ହେଲା ଯେ ମୁଁ ଅଲ୍ଲାଃତାଲାଙ୍କ ଅତି ପ୍ରିୟ ନବୀ ହଜରତ ମୁହମ୍ମଦ ମୁସ୍ତଫା[ସ.ଅ]ଙ୍କର ପୂର୍ଣ୍ଣ ଅନୁଗାମୀ ଓ ତାଙ୍କୁ ଅତ୍ୟଧିକ ପ୍ରେମ କରୁଅଛି । ତାହାର ପରିଣାମ ସ୍ୱରୂପ ପୁନଶ୍ଚ ଈଶ୍ୱରପ୍ରେମର ଦ୍ୱାର ମୋ ସକାଶେ ଉନ୍ମୁକ୍ତ କରିଦିଆଗଲା । ଆଉ ଏକ ସ୍ଥାନରେ ହୁଜୁର[ଅ.ସ] କୁହନ୍ତି; **ମସଜିଦ୍ ମୋର ବାସଗୃହ ଏବଂ ସଜ୍ଜନ ଲୋକମାନେ ମୋର ଭାଇ, ଅଲ୍ଲାଃତାଲାଙ୍କର ପ୍ରଶଂସା ଗାନ କରିବା ମୋର ଧନସମ୍ପଦ ଓ ତାଙ୍କର ସୃଷ୍ଟି ମୋର କୁଟୁମ୍ୱ** । ଆଉ ଏକ ସ୍ଥାନରେ କହିଲେ; ଜାଣିରଖ ଆମ୍ଭେ ପ୍ରତ୍ୟେକ ବସ୍ତୁକୁ ଅଲ୍ଲାଃତାଲାଙ୍କ ସକାଶେ ହିଁ ପ୍ରେମ କରୁଅଛୁ । ପୁନଶ୍ଚ କହିଲେ; କୌଣସି ବସ୍ତୁ ଆମ୍ଭର ଏହି ସମ୍ପର୍କକୁ ଭଙ୍ଗ କରିପାରିବ ନାହିଁ । ମୋତେ ତାଙ୍କ ସମ୍ମାନ ଓ ମର୍ଯ୍ୟାଦାର ରାଣ ଯେ ମୋତେ ଇହ ତଥା ପରକାଳରେ ତାଙ୍କ ଅସ୍ତିତ୍ୱ ଠାରୁ ବଳି ଅନ୍ୟ କୌଣସି ବସ୍ତୁ ପ୍ରିୟ ନୁହେଁ, ଯେ ତାଙ୍କ ଧର୍ମର ଗରିମା ପ୍ରକାଶ ହେଉ । ତାଙ୍କର ପ୍ରତାପ ପ୍ରକାଶିତ ହେଉ ଓ ତାହାର ନାମ ଉର୍ଦ୍ଧ୍ୱଗାମୀ ହେଉ ।

ହଜରତ ମୁନ୍‌ଶୀ ଅବ୍ଦୁଲ୍ କରିମ୍ ସାହେବ ସିୟାଲକୋଟୀ[ର.ଅ] ବର୍ଣ୍ଣନା କରନ୍ତି, ଏକଦା ହୁଜୁର[ଅ.ସ] କହିଲେ; ସଂକଟ ସମୟରେ ଆମକୁ ନିଜ ଜମାଅତର କେତେକ ଦୁର୍ବଳ (ଆସ୍ଥା) ରଖୁଥିବା ଲୋକମାନଙ୍କ ଚିନ୍ତା

ଘାରିଥାଏ । ହୁଜୁର ଆହୁରି କହିଲେ; ମୋର ଅବସ୍ଥା ତ ଏପରିକି ଯଦି ମୋତେ ସ୍ପଷ୍ଟ ସ୍ୱର ମଧ୍ୟ ଶୁଣିବାକୁ ମିଳେ ଯେ ତୁମେ ନିନ୍ଦିତ ଓ ତିରସ୍କୃତ ହେବ ଏବଂ ତୁମର କୌଣସି ଆଶା ଅଭିଳାଷା ପୂରଣ ହେବ ନାହିଁ । ତଥାପି ମୁଁ ସେହି ମହାପ୍ରତାପୀ ଅଲ୍ଲାଃଙ୍କ ଶପଥ କରି କହୁଛି, ଯେ ଏହି ଈଶ୍ୱରପ୍ରେମ ଓ ଧର୍ମସେବା ସମ୍ପାଦନ କରିବାକୁ ମୁଁ ଲେଶ ମାତ୍ର କମ୍ କରିବି ନାହିଁ । ହଜରତ ନୱାବ୍ ମୁବାରକା ବେଗମ୍ ସାହେବା[ର.ଅ] କୁହନ୍ତି; ଅଲ୍ଲାଃତାଲାଙ୍କୁ ପ୍ରେମ କରିବା ଯାହାକି ହୁଜୁର[ଅ.ସ]ଙ୍କ ପ୍ରତ୍ୟେକ କୋଷରେ ବିଦ୍ୟମାନ ରହିଥିଲା । ତାହା ଆପଣଙ୍କ ପ୍ରତ୍ୟେକ କାର୍ଯ୍ୟକଳାପ ଓ କଥନରୁ ସ୍ପଷ୍ଟ ଦୃଶ୍ୟମାନ ହେଉଥିଲା ।

ହଜରତ ମୁସଲେହ୍ ମଉଦ[ର.ଅ] କୁହନ୍ତି; ଏଠାରେ ଜଣେ ବ୍ୟକ୍ତି ଥିଲେ ଯିଏକି ପରବର୍ତ୍ତୀ ସମୟରେ ଅହମଦି ହେଲେ ଓ ହୁଜୁର[ଅ.ସ]ଙ୍କ ସହିତ ତାଙ୍କର ଘନିଷ୍ଟ ସମ୍ପର୍କ ମଧ୍ୟ ରହିଥିଲା । କିନ୍ତୁ ସେ ଅହମଦି ହେବା ପୂର୍ବରୁ ହୁଜୁର[ଅ.ସ] ତାଙ୍କ ଉପରେ ଦୀର୍ଘ ୨୦ବର୍ଷ କାଳ ନାରାଜ (ରୁଷ୍ଟ) ରହିଥିଲେ । ତାହାର କାରଣ ଏହା ଥିଲା, ଯେ ଏକଦା ତାଙ୍କର ଏକ ପୁତ୍ର ସନ୍ତାନର ଦେହାନ୍ତ ଘଟିଲା । ଏଥିରେ ତାଙ୍କ ମୁଖରୁ ଏହି ଉକ୍ତି ନିଃସୃତ ହୋଇଗଲା ଯେ ଅଲ୍ଲାଃତାଲା ମୋ ଉପରେ ଏହା ଘୋର ଅତ୍ୟାଚାର କରିଛନ୍ତି । ତା'ପରେ ଅଲ୍ଲାଃତାଲା ତାଙ୍କୁ ବୈଅତ୍ କରିବାର ସାମର୍ଥ୍ୟ ପ୍ରଦାନ କଲେ ଓ ସେ ମୁର୍ଖତା (ଶିରକ୍ର ଅନ୍ଧକାର)ରୁ ମୁକ୍ତି ପ୍ରାପ୍ତ କରିଥିଲେ ।

ହଜରତ ମିର୍ଜା ବଶିର୍ ଅହମଦ ସାହେବ ବର୍ଣ୍ଣନା କରନ୍ତି; ହଜରତ ମସିହ ମଉଦ[ଅ.ସ] ମୁଣ୍ଡବ୍ୟଥା ବ୍ୟାଧିରେ ଆକ୍ରାନ୍ତ ଥିଲେ । ଜଣେ ବୈଦ୍ଦ ଏହି ବ୍ୟାଧିର ଉପଚାର କରିବାରେ ବିଶେଷ ଦକ୍ଷତା ରଖୁଥିଲେ ଓ ସେ ବେଶ ଦୂରବର୍ତ୍ତୀ ପ୍ରଦେଶରେ ବାସ କରୁଥିଲେ । ତଥାପି ସେଠାରୁ ତାଙ୍କୁ ଡ଼କାଗଲା । ସେ ହୁଜୁର[ଅ.ସ]ଙ୍କୁ ପରୀକ୍ଷା କରି କହିଲେ; ମୁଁ ମାତ୍ର ଦୁଇ ଦିନରେ ଆପଣଙ୍କୁ ସୁସ୍ଥ କରିଦେବି । ଏହା ଶୁଣିବା କ୍ଷଣି ହୁଜୁର[ଅ.ସ] ତାହା ଠାରୁ ଚିକିତ୍ସା କରିବାକୁ ମନା କରିଦେଲେ । କାରଣ ତାହାର ଏପରି ଉକ୍ତି ଈଶ୍ୱର ହେବାର ଦାବି କରିବା ସଦୃଶ ଥିଲା । ଯେବେକି ଅସଲ ସ୍ୱାସ୍ଥ୍ୟ ପ୍ରଦାନକାରୀ ତ ଐଶ୍ୱର୍ଯ୍ୟମୟ ଅଲ୍ଲାଃତାଲା ।

ହଜରତ ଶେଖ୍ ୟାକୁବ୍ ଅଲୀ ଇରଫାନୀ ସାହେବ[ର.ଅ] ବର୍ଣ୍ଣନା କରନ୍ତି, ହଜରତ ମସିହ ମଉଦ[ଅ.ସ] କହିଲେ; ଏକଦା ଯେତେବେଳେ ଡ଼େଲହାଉସୀ ଯିବାର ସୁଯୋଗ ମିଳିଲା ସେତେବେଳେ ପର୍ବତମାଳାର ଶବୁଜ ଶ୍ୟାମଳତା ଓ ବହି ଯାଉଥିବା ଝରଣାକୁ ଦେଖି ମୋ ଅନ୍ତରାତ୍ମା ସର୍ବଶକ୍ତିମାନ ଅଲ୍ଲାଃଙ୍କ ମହିମା ଗାନ କରିବାକୁ ଉତ୍ତେଜିତ ହୋଇ ଉଠୁଥିଲା ଓ ଉପାସନା କରିବାରେ ଏକ ଆନନ୍ଦ ତଥା ସନ୍ତୋଷ ଲାଭ ହେଲା । ଶ୍ରୀମାନ ମୌଲାବଖଶ୍ ସାହେବ ବର୍ଣ୍ଣନା କରନ୍ତି, ଯେତେବେଳେ ସ୍ୱର୍ଗତ ମୁବାରକ ସାହେବ ଅସୁସ୍ଥ ଥିଲେ ସେତେବେଳେ ତାଙ୍କ ସମ୍ବନ୍ଧରେ ହୁଜୁର[ଅ.ସ] ଖୁବ୍ ବ୍ୟଥିତ ଓ ଚିନ୍ତିତ ରହୁଥିଲେ । ଆଉ ଯେତେବେଳେ ସେ ମୃତ୍ୟୁବରଣ କଲେ ସେତେବେଳେ ଅନେକ ସାହାବା ଶୋକ ବ୍ୟକ୍ତ କରିବା ସକାଶେ (ପୁଣ୍ୟଶ୍ଲୋକଙ୍କ ନିକଟକୁ) ଆସିଲେ । ତହୁଁ ହୁଜୁର[ଅ.ସ] ମସଜିଦ୍‌କୁ ଆସିଲେ, କିନ୍ତୁ ସେତେବେଳେ ପୁଣ୍ୟଶ୍ଲୋକ ପୂର୍ବପରି ବରଂ ପୂର୍ବାପେକ୍ଷା ଅଧିକ ପ୍ରଫୁଲ୍ଲିତ ପ୍ରତୀତ ହେଉଥିଲେ । ହୁଜୁର[ଅ.ସ] କହିଲେ; ମୁବାରକ୍ ଅହମଦଙ୍କର ଦେହାନ୍ତ ଘଟିଲା ଓ ମୋ ପାଳନକର୍ତ୍ତାଙ୍କ କଥନ ପୂରଣ ହେଲା । କାରଣ ସେ ପୂର୍ବରୁ ହିଁ ମୋତେ ସୂଚିତ କରି ଦେଇଥିଲେ ଯେ ଏହି ପୁତ୍ର ଶୀଘ୍ର ଚାଲିଯିବ ଅବା ପରମ ଈଶ୍ୱରଭକ୍ତର ସ୍ତର ହାସଲ କରିବ । ଅତଃ ଅଲ୍ଲାଃତାଲା ତାହାକୁ ଡ଼ାକିନେଲେ, ତେବେ ଗୋଟିଏ ମୁବାରକ ଅହମଦ କ'ଣ, **ଯଦି ମୋର ଏକ ହଜାର ପୁତ୍ର ମୃତ୍ୟୁବରଣ କରନ୍ତି । ଆଉ ସେଥିରେ ମୋ ପାଳନକର୍ତ୍ତା ରାଜି ହୁଅନ୍ତି ଅର୍ଥାତ୍ ତାହାଙ୍କ କଥନ ପୂରଣ ହୁଏ ତେବେ ସେଥିରେ ମୁଁ ସନ୍ତୁଷ୍ଟ ।**

ଲୁଧିୟାନାର ଶ୍ରୀମାନ ମୁନ୍‌ଶୀ ଅହମଦ ସାହେବ ହଜ୍ କରିବାକୁ ବାହାରିବା ସମୟରେ ହଜରତ ମସିହ ମଉଦ[ଅ.ସ] ତାଙ୍କୁ ପତ୍ର ଲେଖିଲେ, ଏହି ବିନୀତର ଗୋଟିଏ ନିବେଦନ ମନେରଖି ଥିବେ ଯେ ଯେତେବେଳେ

ଅଲ୍ଲାଃଙ୍କ କୃପାରୁ ଆପଣଙ୍କୁ ବୈତୁଲ୍ଲାଃ (ଖାନାକା'ବା)କୁ ଦେଖିବାର ସୌଭାଗ୍ୟ ଲାଭ ହେବ ସେତେବେଳେ ସେହି ପବିତ୍ର ସ୍ଥାନରେ ଏହି ତୁଚ୍ଛ ଭକ୍ତ ନିମନ୍ତେ ଏହି ଶବ୍ଦରେ ଦୁଆ (ପ୍ରାର୍ଥନା) କରିବେ- ହେ ମହାନ ଦୟାମୟ ପ୍ରଭୁ! ତୁମର ଜଣେ ଅଯୋଗ୍ୟ, ଦୋଷପୂର୍ଣ୍ଣ ଓ ଅଧମ ଦାସ ଅହମଦ ନାମୀ ଯିଏକି ଭୂପୃଷ୍ଠ ଭାରତ ବର୍ଷରେ ବାସ କରୁଅଛି, ତାହାର ସାନୁନୟ ଅନୁରୋଧ ହେ ଅଶେଷ ଦୟାବାନ ପ୍ରଭୁ! ତୁମେ ମୋ ଉପରେ ରାଜି ହୋଇଯାଅ ଓ ମୋର ସମସ୍ତ ଦୋଷତ୍ରୁଟି କ୍ଷମା କରିଦିଅ, ତୁମ୍ଭେ ଅତିବ ଦୟାକାରୀ ଓ ସଦା କରୁଣାମୟ । ମୋ ଦ୍ୱାରା ସେହି କାର୍ଯ୍ୟ ସାଧିତ କରାଅ ଯେଉଁଥିରେ ତୁମେ ପ୍ରସନ୍ନିତ ହୋଇଯିବ । ମୋ ପ୍ରାଣ ଓ ଆତ୍ମା ମଧ୍ୟରେ ପୂର୍ବ ତଥା ପଶ୍ଚିମ ପରି ବ୍ୟବଧାନ ରଖିଦିଅ । ମୋ ଜୀବନ ଓ ମୃତ୍ୟୁ ତଥା ମୋର ସମସ୍ତ ସାମର୍ଥ୍ୟ ଯାହାକି ମୋତେ ହାସଲ ରହିଛି, ତାହାକୁ ନିଜ ମାର୍ଗରେ (ବ୍ୟବହାର) କରାଅ ଓ ନିଜ ପ୍ରେମରେ ମୋତେ ଜୀବିତ ରଖ ଏବଂ ତୁମ୍ଭ ପ୍ରେମରେ ମୋତେ ମୃତ୍ୟୁ ଦିଅ । ଆଉ ନିଜ ପୂର୍ଣ୍ଣ ପ୍ରେମାନୁରାଗୀ ଭକ୍ତମାନଙ୍କ ସହିତ ମୋତେ ଉତ୍ଥିତ କରାଅ ।

ହଜରତ ମସିହ ମଉଦ[ଅ.ସ] କୁହନ୍ତି; ମୁଁ କହୁଛି ଯେ ଯଦି ମୋତେ ଏହି କଥା ପ୍ରତି ନିଶ୍ଚିତ କରାଯାଏ ଯେ ଅଲ୍ଲାଃତାଲାଙ୍କୁ ପ୍ରେମ କରିବା ଓ ତାଙ୍କ ଆଜ୍ଞା ପାଳନ କରିବାରେ କଠୋରରୁ ଅତି କଠୋର ଶାସ୍ତି ଦିଆଯିବ, ତେବେ ମୁଁ ପ୍ରତିଜ୍ଞା କରି କହୁଛି ଯେ ମୋର ସ୍ୱଭାବ ଏପରିକି ମୁଁ ସେ ସମସ୍ତ କଷଣ ଓ ବିପତ୍ତି ସହୃଦୟରୁ ଅତି ଆନନ୍ଦ ସହକାରେ ଆଗ୍ରହ ତଥା ଉତ୍ସୁହକତାର ସହିତ ସହ୍ୟ କରିବାକୁ ପ୍ରସ୍ତୁତ ହୋଇଯିବି । ହଜରତ ମସିହ ମଉଦ[ଅ.ସ] କହିଲେ; ମୁଁ ସେହି ନିଦର୍ଶନଗୁଡ଼ିକର ଗଣନା କରିପାରିବି ନାହିଁ, ଯାହାକି ମୋତେ ଅବଗତ ଅଛି । ମୁଁ ତୁମକୁ ଜାଣେ ତୁମ୍ଭେ ହିଁ ମୋର ପ୍ରଭୁ ଓ ସ୍ୱାମୀ । ହୁଜୁର[ଅ.ସ] ଅଲ୍ଲାଃଙ୍କୁ ସମ୍ବୋଧନ କରି କହିଲେ; ମୋ ଆତ୍ମା ତୁମ୍ଭ ନାମରେ ଏପରି ଉନ୍ମାଦ ମାରୁଛି, ଯେପରି ଏକ ଦୁଗ୍ଧ ପାନ କରୁଥିବା ଶିଶୁ ନିଜ ଜନନୀକୁ ଦେଖିଲେ, ଲମ୍ଫ ମାରିଥାଏ । କିନ୍ତୁ ଅଧିକାଂଶ ଲୋକମାନେ ମୋତେ ଚିହ୍ନି ପାରିଲେ ନାହିଁ, ଆଉ ନା ମୋତେ ସ୍ୱୀକାର କଲେ ।

ସୁତରାଂ ଏହା ସେହି ଈଶ୍ୱରପ୍ରେମ ଓ ତାଙ୍କୁ ଭଲ ପାଇବା ଥିଲା, ଯାହାକି ହଜରତ ମସିହ ମଉଦ[ଅ.ସ]ଙ୍କର ନିଜ ମୁନିବଙ୍କ ଅନୁକରଣ କରିବା ଯୋଗୁଁ ଅଲ୍ଲାଃତାଲାଙ୍କ ସହିତ ଉତ୍ପନ୍ନ ହେଲା ଓ ହୁଜୁର[ଅ.ସ] ନିଜ ଅନୁଚରମାନଙ୍କୁ ମଧ୍ୟ ଏହାର ପାଳନ କରିବାକୁ ତାଗିଦ୍ କଲେ । ହୁଜୁର[ଅ.ସ] କହିଲେ; ତୁମେମାନେ ସମସ୍ତ ପ୍ରକାରର ବଳିଦାନ ପାଇଁ ପ୍ରସ୍ତୁତ ରୁହ । ଯେତେବେଳେ ତୁମେ ଈଶ୍ୱରଙ୍କ ସକାଶେ ବଳିଦାନ କରିବ ଓ ତାଙ୍କୁ ପ୍ରେମ କରୁଥିବାର ପରିପ୍ରକାଶ କରିବ ତଥା ତାହାଙ୍କ କର୍ତ୍ତବ୍ୟ ସମ୍ପାଦନ କରିବ ତେବେ ଅଲ୍ଲାଃତାଲା ମଧ୍ୟ ତୁମକୁ ଏପରି ପ୍ରେମ କରିବେ ଯେ ପ୍ରତ୍ୟେକ ଶତ୍ରୁ ନିକଟରୁ ତୁମକୁ ରକ୍ଷା କରି ଆଣିବେ । ଆଉ ସମସ୍ତ ପ୍ରକାରର ଦୁଃଖକଷ୍ଟରୁ ତୁମକୁ ଉଦ୍ଧାର କରିବେ । **ତାଙ୍କ ପ୍ରୀତିଭାଜନ ଲାଭ କରିବା ପାଇଁ ତୁମେ ଯାହା ବି କରିବ ତାହାର ସେ ତୁମକୁ ଏହି ଭବ ସଂସାରରେ ଓ ପରକାଳରେ ମଧ୍ୟ ଅପରିମିତ (ପୁରସ୍କାର) ପ୍ରଦାନ କରିବେ ।** ଅଲ୍ଲାଃତାଲା ଆମମାନଙ୍କୁ ନିଜର ଏପରି ପ୍ରେମୀ କରିଦିଅନ୍ତୁ ।

ମହାମହିମ ହୁଜୁର ଅନୱର[ଅ.ବ] କହିଲେ; କାଲି ଠାରୁ ନୂତନ ବର୍ଷ ଆରମ୍ଭ ହୋଇଯାଇଛି । ଲୋକମାନେ ପରସ୍ପରକୁ ଅଭିନନ୍ଦନ ଜଣାଉଛନ୍ତି । ଦୁଆ କରନ୍ତୁ ଏହି ନବବର୍ଷ ଆମମାନଙ୍କ ସକାଶେ ଅପାର ବରକତ୍ ଘେନି ଆସୁ । ବିରୋଧୀ ଓ ଶତ୍ରୁମାନଙ୍କ ଷଡ଼ଯନ୍ତ୍ରକୁ ଅଲ୍ଲାଃତାଲା ଧୂଳିସାତ୍ କରିଦିଅନ୍ତୁ । ଆଉ ଜମାଅତକୁ ପୂର୍ବାପେକ୍ଷା ଅଧିକ ଉନ୍ନତି ପ୍ରଦାନ କରନ୍ତୁ । ଆମେମାନେ ଯିଏକି ବାହାର ଦେଶରେ ଅର୍ଥାତ୍ ସ୍ୱାଧୀନ ଦେଶଗୁଡ଼ିକରେ ସ୍ୱାଧୀନ ଭାବରେ ରହିଛେ ଓ ନୂତନ ବର୍ଷର ଖୁସି ପାଳନ କରିପାରୁଛେ । ବରଂ ପାକିସ୍ତାନରେ ମଧ୍ୟ ଏହି ଆନନ୍ଦ

ଉଲ୍ଲାସ ପାଳନ କରୁଛନ୍ତି, ଏପରି ଅବସ୍ଥାରେ ଆମକୁ ନିଜ କଏଦୀ ଭାଇମାନଙ୍କ ସକାଶେ ଦୁଆ କରିବା ଉଚିତ୍ । ଯିଏକି ପାକିସ୍ତାନର ଜେଲ୍‌ରେ ଅଲ୍ଲାଃତାଲାଙ୍କ ସକାଶେ କାରାବରଣ ଭୋଗ କରୁଛନ୍ତି, ଯେପରି ମୁଁ ଗତ ଖୁତ୍‌ବାରେ କହିଥିଲି ଯେ ଶ୍ରୀମାନ ମୁବାରକ୍ ସାନୀ ସାହେବଙ୍କୁ ଆଜୀବନ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରାଯାଇଛି । ସେହିପରି ଅନ୍ୟ କଏଦୀମାନେ ମଧ୍ୟ ରହିଛନ୍ତି । ଏହା ସତ୍ତ୍ୱେ ସେମାନେ ନୂତନ ବର୍ଷରେ ପଦାର୍ପଣ କରିବାର କୃତଜ୍ଞତା ଜ୍ଞାପନ କରୁଛନ୍ତି । ଆଉ ସେହି ନିର୍ଯ୍ୟାତନା ସତ୍ତ୍ୱେ ସେମାନଙ୍କ ମନରେ କୌଣସି ଅଭିଯୋଗ ନାହିଁ । ଅଲ୍ଲାଃତାଲାଙ୍କ ପ୍ରୀତିଭାଜନ ଲାଭ କରିବା ସକାଶେ ସେମାନେ ଲୁହାର ବେଡି ପରିଧାନ କରିଛନ୍ତି । ଅଲ୍ଲାଃତାଲା ତାଙ୍କ ମୁକ୍ତିପଥର ବାଟ ଶୀଘ୍ର ଉନ୍ମୁକ୍ତ କରିଦିଅନ୍ତୁ । ଆମେମାନେ, ସେହି କଏଦୀ ଓ ଦୁଃଖଦୁର୍ଦ୍ଦଶାରେ କବଳିତ ଅହମଦିମାନଙ୍କୁ ମଧ୍ୟ ଈଶ୍ୱରପ୍ରେମ ପୂର୍ବାପେକ୍ଷା ଅଧିକ ଲାଭ ହେଉ । ଏହି ଦୁଃଖ ଜାତନା ଯୋଗୁଁ ଆମେମାନେ ଈଶ୍ୱରପ୍ରେମରେ ହ୍ରାସ କରିବା ପରିବର୍ତ୍ତେ ଆହୁରି ଅଭିବୃଦ୍ଧି କରିଚାଲୁ । ଅତ୍ୟାଚାରୀତମାନଙ୍କ ସକାଶେ ମଧ୍ୟ ଦୁଆ କରିବେ ଅଲ୍ଲାଃତାଲା ସେମାନଙ୍କୁ ନିର୍ଦ୍ଦୟୀ ଓ ନିଷ୍ଠୁର ଅତ୍ୟାଚାରୀମାନଙ୍କ କବଳରୁ ରକ୍ଷା କରନ୍ତୁ ଏବଂ ବିଶ୍ୱରେ ଶାନ୍ତି ଓ ନିରାପତ୍ତା ସ୍ଥାପିତ ହେଉ ।

ପରିଶେଷରେ ପ୍ରିୟ ହୁଜୁର ଅନୱର[ଅ.ବ] ତିନିଜଣ ମୃତକ ଯଥାକ୍ରମେ ସ୍ୱର୍ଗତ ରିହାନା ବାସ୍‌ମାଃ ସାହେବା ପତ୍ନୀ ଶ୍ରୀମାନ ସୟଦ୍ ଅହମଦ ନାସିର୍ ସାହେବ ଯିଏକି ହଜରତ ମସିହ ମଉଦ[ଅ.ସ]ଙ୍କର ଅଣନାତୁଣୀ ଓ ହଜରତ ମିର୍ଜା ସୁଲତାନ୍ ଅହମଦ ସାହେବଙ୍କର ନାତୁଣୀ ତଥା ହଜରତ ମୀର ମୁହମ୍ମଦ ଇସହାକ୍ ସାହେବଙ୍କର ନାତୁଣୀ (କନ୍ୟାଙ୍କର ବରପୁତ୍ରୀ) ଥିଲେ । ଦ୍ୱିତୀୟରେ ସ୍ୱର୍ଗତ ଇଫତ୍ ହଲିମ୍ ସାହେବା ପତ୍ନୀ ଡ଼ାଃ ଅବ୍ଦୁଲ୍ ହଲିମ୍ ସାହେବ ପୂର୍ବତନ ସଦର୍ ଲଜ୍‌ନା ଇମାଇଲ୍ଲାଃ ଲାଇବେରିୟା ଥିଲେ । ତୃତୀୟ ମୃତକ ହେଲେ ମିଶର ଦେଶର ନିବାସୀ ସ୍ୱର୍ଗତ ଅବ୍ଦୁଲ୍ ଅଲିମ୍ ବର୍‌ୱବରୀ ସାହେବ ଆଦିଙ୍କର ଉତ୍ତମ ଚରିତ୍ର ଚର୍ଚ୍ଚା କଲେ । ଆଉ ସମସ୍ତ ମୃତକଙ୍କ ପାଇଁ କ୍ଷମାଯାଚନା କରି ବୈକୁଣ୍ଠରେ ସେମାନଙ୍କ ସ୍ତର ଉର୍ଦ୍ଧଗାମୀ ହେବା ନିମନ୍ତେ ଦୁଆ କଲେ ଏବଂ ସେମାନଙ୍କର ଜନାଯାଃ ଗାଏବ୍ ପାଠ କରିବାର ଘୋଷଣା ମଧ୍ୟ କଲେ ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ୱ ନସ୍‌ତଈନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଆଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଈୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ୱଲ୍ ଇହ୍‌ସାନି ୱଇତାଇଜିଲ କୁର୍‌ବା ୱୟନ୍‌ହା ଅନିଲ୍ ଫହ୍‌ଶାଇ ୱଲ୍ ମୁନ୍‌କରି ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।

❖❖❖ ❖❖❖ ❖❖❖ ❖❖❖

Khulasa Khutba Juma Huzoor Anwar a.b.a

2nd January 2026

*Translated to Odia by :* Moulavi Anwar Ahmad Khan